بِسۡمِ اللّٰہِ الرَّحۡمٰنِ الرَّحِیۡمِ

୯ ଜାନୁଆରୀ ୨୦୨୬ ଖୁତ୍‌ବା ଜୁମାର ସାରାଂଶ
ସ୍ଥାନ – ମସଜିଦ୍ ମୁବାରକ୍, ଇସଲାମାବାଦ୍ ଟିଲ୍‌ଫୋର୍ଡ୍

# ୱକ୍‌ଫେ ଜଦିଦ୍‌ର ୬୮ତମ ବର୍ଷରେ ଜମାଅତର ସଦସ୍ୟବୃନ୍ଦଙ୍କ ଦ୍ୱାରା କରାଯାଇଥିବା ଅର୍ଥଦାନର ବିଶ୍ୱାସବର୍ଦ୍ଧକ ଆଲୋଚନା ଓ ୬୯ତମ ବର୍ଷ ଶୁଭାରମ୍ଭ ହେବାର ପ୍ରିୟ ହୁଜୁର ଅନଓ୍ୱର[ଅ.ବ]ଙ୍କର ଘୋଷଣା ।

ଅଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱହ୍‌ଦହୁ ଲାଶରିକା ଲହୁ ଓ୍ୱଅଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ ଅମ୍ମାବାଦ୍ ଫଉଜୁବିଲ୍ଲା ହିମିନଶ୍ ଶୈତା ନିର୍‌ରଜିମ୍ । ବିସ୍‌ମିଲ୍ଲା ହିର୍‌ରହେମା ନିର୍‌ରହିମ୍ । ଅଲ୍‌ହମ୍‌ଦୁ ଲିଲ୍ଲାହି ରବ୍‌ବିଲ୍ ଆଲମିନ୍ ଅର୍‌ରହମା ନିର୍‌ରହିମ୍ । ମାଲିକି ୟୋମିଦ୍‌ଦିନ୍ । ଇୟାକା ନାବୁଦୁ ଓ୍ୱ ଇୟାକା ନସ୍‌ତଇନ୍ । ଇହ୍‌ଦିନସ୍ ସିରାତଲ୍ ମୁସ୍‌ତକିମ୍ ସିରାତଲ୍ ଲଜିନା ଅନ୍‌ଅମ୍‌ତା ଅଲୈହିମ୍ ଗୈରିଲ୍ ମଗ୍‌ଯୁବି ଆଲୈହିମ୍ ଓ୍ୱଲଜ୍ୱାଲ୍‌ଲିନ୍ ।

ତଶହୁଦ୍, ତଉଜ୍ ଓ ସୁରଃ ଫାତିହାର ଆବୃତ୍ତି କରିବା ପରେ ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ସୁରଃ ଆଲେ ଇମ୍ରାନ୍‌ର ଆୟତ ସଂଖ୍ୟା ୯୩ର ଆବୃତ୍ତି କରି ଅନୁବାଦ ଉପସ୍ଥାପନ କଲେ । ଅର୍ଥାତ୍ ତୁମେମାନେ ସଂପୂର୍ଣ୍ଣ ପୁଣ୍ୟ ସେପର୍ଯ୍ୟନ୍ତ ଲାଭ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ନିଜ ପ୍ରିୟ ବସ୍ତୁଗୁଡ଼ିକୁ ଈଶ୍ୱରଙ୍କ ମାର୍ଗରେ ବ୍ୟୟ କରି ନାହଁ ଏବଂ ତୁମେ ଯାହାକିଛି ବ୍ୟୟ କରିଥାଅ, ଅଲ୍ଲାଃତାଲା ତାହାକୁ ଖୁବ୍ ଭଲ ଭାବରେ ଜାଣନ୍ତି । ଜମାଅତ ଅହମଦିୟାର ପ୍ରଥମ ଖଲିଫା ଏହି ଆୟତର ବ୍ୟାଖ୍ୟା କରି ଉଲ୍ଲେଖ କରିଛନ୍ତି, ପବିତ୍ର କୁରଆନର ସୁରଃ ବକରାଃରେ ଯେଉଁଠାରୁ ପ୍ରଥମ ରୁକୁ (ପରିଚ୍ଛେଦ) ଆରମ୍ଭ ହୋଇଥାଏ ସେହିସ୍ଥଳେ ଧର୍ମନିଷ୍ଠମାନଙ୍କ ସଂକ୍ରାନ୍ତରେ ଦର୍ଶାଯାଇଛି, ଓ୍ୱମିମ୍ମା ରଜକ୍‌ନାହୁମ୍ ୟୁନ୍‌ଫିକୁନ୍ ଅର୍ଥାତ୍ ଯାହାକିଛି ଅଲ୍ଲାଃତାଲା (ସେମାନଙ୍କୁ) ପ୍ରଦାନ କରିଛନ୍ତି, ତହିଁରୁ ବ୍ୟୟ କରିଥା'ନ୍ତି । ଏହା ପ୍ରଥମ ରୁକୁର ବିଷୟ । ଏପରି ଏହି ସୁରଃର ଅନେକ ସ୍ଥାନରେ ଅଲ୍ଲାଃଙ୍କ ମାର୍ଗରେ ଅର୍ଥଦାନ କରିବାକୁ (ବିଶ୍ୱାସକାରୀଙ୍କୁ) ତାଗିଦ୍ କରାଯାଇଛି । ସୁତରାଂ ତୁମେ ପ୍ରକୃତ ପୁଣ୍ୟ ସେପର୍ଯ୍ୟନ୍ତ ହାସଲ କରିପାରିବ ନାହିଁ, ଯେପର୍ଯ୍ୟନ୍ତ ତୁମେ ଅର୍ଥଦାନ କରିନାହଁ । ମୋ ମତରେ ମିମ୍ମା ତୁହିବ୍‌ବୁନ୍‌ର ଅର୍ଥ ହେଉଛି ଧନ । କାରଣ ଅଲ୍ଲାଃତାଲା କୁହନ୍ତି, ଓ୍ୱଇନ୍ନହୁ ଲିହୁବ୍‌ବିଲ୍ ଖୈରି ଲଶଦୀଦ୍ ଅର୍ଥାତ୍ ମନୁଷ୍ୟ ଧନକୁ ବହୁତ ଭଲ ପାଇଥାଏ । ସୁତରାଂ ପ୍ରକୃତ ପୁଣ୍ୟ ଅର୍ଜନ କରିବା ସକାଶେ ଏହା ଅନିବାର୍ଯ୍ୟ, ଯେ ନିଜ ପ୍ରିୟ ବସ୍ତୁଗୁଡ଼ିକୁ ଫି ସବିଲିଲ୍ଲାଃ (ଈଶ୍ୱରଙ୍କ ଉଦ୍ଦେଶ୍ୟରେ) ବ୍ୟୟ କରୁଥାଅ ।

ହଜରତ ମସିହ ମଉଦ[ଅ.ସ] ମଧ୍ୟ ଏହି ଆୟତର ବିଭିନ୍ନ ସ୍ଥାନରେ ବ୍ୟାଖ୍ୟା କରିଛନ୍ତି । ଗୋଟିଏ ସ୍ଥାନରେ ହୁଜୁର[ଅ.ସ] କହିଛନ୍ତି; **ମୂଲ୍ୟହୀନ ଓ ବ୍ୟର୍ଥ ବସ୍ତୁଗୁଡ଼ିକୁ ବ୍ୟୟ କରି କୌଣସି ବ୍ୟକ୍ତି ପୁଣ୍ୟ ଅର୍ଜନ କରିବାର ଦାବି କରିପାରିବ ନାହିଁ** । ଜାଣିରଖ ! ପୁଣ୍ୟ ଅର୍ଜନ କରିବାର ମାର୍ଗ ସଂକିର୍ଣ୍ଣ, ତେଣୁ ଏକଥା ଭଲ ଭାବରେ ମନେରଖ ଯେ ନିରର୍ଥକ ବସ୍ତୁ ବ୍ୟୟ କରି କୌଣସି ବ୍ୟକ୍ତି ଏହି (ଦ୍ୱାର)ରେ ପ୍ରବେଶ କରିପାରିବ ନାହିଁ । ଯଦି କଷ୍ଟ ସହ୍ୟ କରିବାକୁ ପ୍ରସ୍ତୁତ ନାହଁ ଓ ବାସ୍ତବିକ ପୁଣ୍ୟ ଅର୍ଜନ କରିବାକୁ ଚାହୁଁ ନାହଁ, ତେବେ କିପରି ବା କୃତକାର୍ଯ୍ୟ ଓ ସଫଳ ହୋଇପାରିବ । ମହାମହିମ ହୁଜୁର ଅନଓ୍ୱର[ଅ.ବ] କହିଲେ; ଯେଉଁ ଲୋକମାନଙ୍କ ଆର୍ଥିକ ଅବସ୍ଥା ସ୍ୱଚ୍ଛଳ, କିନ୍ତୁ ସେମାନଙ୍କ ଅର୍ଥଦାନର ସ୍ତର ସେଭଳି ନୁହେଁ, ଯେପରି ଜଣେ ମଧ୍ୟବିତ୍ତ ଶ୍ରେଣୀର ଅହମଦିଙ୍କର ରହିଛି । ତେବେ ଏପରି ଲୋକମାନଙ୍କୁ ଚିନ୍ତା କରିବା ଉଚିତ୍ । ଯେପରି ଅଲ୍ଲାଃତାଲା କୁହନ୍ତି; ପ୍ରକୃତ ବଳିଦାନ ତ ଏହିକି ଯେ ଯେଉଁ ବସ୍ତୁ ତୁମକୁ ଅତି ପ୍ରିୟ, ତାହା ଫି ସବିଲିଲ୍ଲାଃ (ଅଲ୍ଲାଃଙ୍କ ଉଦ୍ଦେଶ୍ୟ)ରେ

ବ୍ୟୟ କର । **ତେବେଯାଇ ତୁମେ ଅଲ୍ଲାଃତାଲାଙ୍କ ପ୍ରସନ୍ନତା ପ୍ରାପ୍ତି କରିପାରିବ ଏବଂ ତାଙ୍କ କୃପାର ଅଧିକାରୀ ହୋଇପାରିବ** । ଅଲ୍ଲାଃତାଲା କେବଳ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ନୁହେଁ, ବରଂ ପବିତ୍ର କୁରଆନରେ ଅନେକ ସ୍ଥାନରେ ନିଜ ମାର୍ଗରେ ବଳିଦାନ କରିବାକୁ ଆଦେଶ ଦେଇଛନ୍ତି ।

ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଅଲ୍ଲାଃତାଲାଙ୍କ କୃପାରୁ ଜମାଅତର ଅଧିକାଂଶ ଲୋକ ଅର୍ଥଦାନ କ୍ଷେତ୍ରରେ ବେଶ ଆଗ୍ରହ ଓ ଉତ୍କଣ୍ଠାର ସହିତ ଭାଗ ନେଇଥା'ନ୍ତି । କିନ୍ତୁ କେତେକ ଲୋକ ଏପରି ମଧ୍ୟ ଥା'ନ୍ତି, ଯେଉଁମାନେ ସଂକିର୍ଣ୍ଣ ମନଭାବ ରଖିଥା'ନ୍ତି । ଅର୍ଥାତ୍ ଅର୍ଥଦାନ କରିବାରେ କୁଣ୍ଠାବୋଧ କରିଥା'ନ୍ତି । ତେବେ ସେମାନଙ୍କୁ ଅଲ୍ଲାଃତାଲାଙ୍କର ଏହି କଥା ସ୍ମରଣ ରଖିବା ଉଚିତ୍ ଯେ ଅଲ୍ଲାଃତାଲାଙ୍କ ମାର୍ଗରେ ଅର୍ଥଦାନ କରିବା ନିତ୍ୟାନ୍ତ ଜରୁରୀ । ନିଃସନ୍ଦେହରେ ଅଧିକା ଅର୍ଥ ଉପାର୍ଜନ କରୁଥିବା ଅଧିକାଂଶ ଲୋକେ ଏହିପରି ଯେଉଁମାନେ ପ୍ରତ୍ୟେକ ଆହ୍ୱାନରେ ଅଂଶ ଗ୍ରହଣ କରିଥା'ନ୍ତି ଓ ବେଶ ଆଗକୁ ବଢି ଦାନ କରିଥା'ନ୍ତି । କିନ୍ତୁ ଏହିସ୍ଥଳେ ସଂକ୍ଷେପରେ ମୁଁ ଏହା ମଧ୍ୟ କହିଦେବାକୁ ଚାହେଁ, ଯେ ଯେଉଁ ବ୍ୟକ୍ତି ନିଜ ଆୟର ସଠିକ୍ ଶରହ୍ (ପରିମାଣ) ଅନୁଯାୟୀ ଓ ନିୟମିତ ରୂପେ ଅନୁଦାନ କରି ନଥା'ନ୍ତି ତେବେ ଏପରି ଲୋକମାନଙ୍କୁ ନିଜର ନିରୀକ୍ଷଣ କରିବା ଉଚିତ୍ ।

ହଦିସ୍ ଗ୍ରନ୍ଥରେ ମଧ୍ୟ ନବୀଶ୍ରେଷ୍ଠ ହଜରତ ମୁହମ୍ମଦ[ସ.ଅ] ଏଥି ସଂକ୍ରାନ୍ତରେ ଆମମାନଙ୍କୁ ବାରମ୍ବାର ଉପଦେଶ ଦେଇଛନ୍ତି, ଯେ ଅର୍ଥଦାନ କରିବା ଉଚିତ୍ । ହଜରତ ହସନ୍[ର.ଅ] ବର୍ଣ୍ଣନା କରନ୍ତି, ଏହା ହଦିସେ କୁଦ୍ସି (ଏପରି ଉକ୍ତି ଯାହାକି ଈଶ୍ୱରଙ୍କର କିନ୍ତୁ ତାହା ପବିତ୍ର ଅବତାରଙ୍କ ମୁଖ ନିଃସୃତ) ଅଟେ । ହୁଜୁର[ସ.ଅ] ଅଲ୍ଲାଃତାଲାଙ୍କ ମାଧ୍ୟମରେ କହିଲେ; ହେ ଆଦମ୍‌ର ସନ୍ତାନ! ତୁମେ ନିଜ ଗଚ୍ଛିତ ଧନ (ସଂଚୟ) ମୋ ନିକଟରେ ଜମା କରି ନିଶ୍ଚିନ୍ତ ହୋଇଯାଅ । ସେଥିରେ ନିଆଁ ଲାଗିବାର ଭୟ ନାହିଁ, ନା ତାହା ଜଳରେ ବୁଡ଼ି ଯିବାର ଆଶଙ୍କା ଅଛି । ଆଉ ନା ତାହାକୁ କୌଣସି ଚୋର ଚୋରୀ କରିବାର ଡ଼ର ରହିଛି । **ମୋ ନିକଟରେ ଜମା କରାଯାଇଥିବା ଧନ ତୁମେ ପୂର୍ଣ୍ଣ ରୂପେ ଫେରସ୍ତ ପାଇବ, ସେହି ଦିବସରେ ଯେତେବେଳେ ତୁମେ ତାହାର ସର୍ବାଧିକ ଆବଶ୍ୟକ କରୁଥିବ** ।

ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ଆମେମାନେ ଭାଗ୍ୟବାନ, ଯେ ଆଜି ଆମମାନଙ୍କ ମଧ୍ୟରୁ ଅଧିକାଂଶ ଲୋକ ଏକଥା ହୃଦୟଙ୍ଗମ କରନ୍ତି, ଆଉ ସେମାନେ (ନିଜର) ବିପୁଳ ଧନସମ୍ପତ୍ତି (ଅଲ୍ଲାଃଙ୍କ ମାର୍ଗ)ରେ ବ୍ୟୟ କରିଥା'ନ୍ତି । ହଜରତ ମସିହ ମଉଦ[ଅ.ସ]ଙ୍କ ଯୁଗରେ ମଧ୍ୟ ଏପରି ବ୍ୟୟକାରୀଙ୍କ ଉଦାହରଣ ରହିଛି । ବରଂ ସେମାନଙ୍କୁ ଦେଖି ହୁଜୁର[ଅ.ସ] ଏକଦା କହିଲେ; ମୁଁ ଆଶ୍ଚର୍ଯ୍ୟ ହେଉଛି ଯେ, କିପରି ଏହି ଗରିବ ଲୋକମାନେ ଧର୍ମ ସକାଶେ ମୁକ୍ତ ହସ୍ତରେ ବଳିଦାନ କରୁଛନ୍ତି । ଆଜି ମଧ୍ୟ ଏହି ଅବସ୍ଥା ଅପରିବର୍ତ୍ତିତ ରହିଛି । ମୁଁ ଦେଖୁଅଛି ଅଧିକାଂଶ ଗରିବ ଓ ମଧ୍ୟମ ବର୍ଗର ଲୋକମାନେ ବହୁତ ବଡ ବଡ ବଳିଦାନ କରିଥା'ନ୍ତି । କାରଣ ସେମାନେ ଏକଥା ବେଶ ଭଲ ଭାବରେ ବୁଝନ୍ତି, ଯେ ଏହି ଅର୍ଥକୁ ଅଲ୍ଲାଃତାଲା ଆମକୁ ଫେରସ୍ତ କରିଦେବେ ଅବା ଅଲ୍ଲାଃତାଲାଙ୍କ କୃପାର (ଆମେ) କିପରି ଉତ୍ତରାଧିକାରୀ ହେବୁ? ତାହା ଅଲ୍ଲାଃ ହିଁ ଭଲ ଭାବରେ ଜାଣନ୍ତି । ଅସଲ କଥା ହେଉଛି, ଅଲ୍ଲାଃତାଲା ଆମକୁ ତାହା ଇହକାଳରେ ଓ ପରକାଳରେ ମଧ୍ୟ ଫେରାଇ ଦେବେ । ତାହାର ପୁଣ୍ୟରେ ସାମିଲ କରିଦେବେ ଓ ଏହି ବଳିଦାନ ବୈକୁଣ୍ଠରେ ସେମାନଙ୍କ ସ୍ତର ବୃଦ୍ଧି କରିବାର କାରଣ ମଧ୍ୟ ସାବ୍ୟସ୍ତ ହେବ ।

ହଜରତ ମସିହ ମଉଦ[ଅ.ସ] କୁହନ୍ତି; ସର୍ବଦା ସ୍ମରଣ ରଖିବା ଉଚିତ୍ ଯେ ଆମେମାନେ ଧର୍ମନିଷ୍ଠ ଓ ପବିତ୍ରତାରେ କେତେ ଦୂର ଉନ୍ନତି କରିଛେ । ଏହା ଜାଣିବାର ମୁଖ୍ୟ ଉତ୍ସ (ମାପକ) ପବିତ୍ର କୁରଆନ

ଅଟେ । ଅଲ୍ଲାଃତାଲା ଧର୍ମନିଷ୍ଠ ବ୍ୟକ୍ତିର ଚିହ୍ନଗୁଡ଼ିକ ମଧ୍ୟରୁ ଗୋଟିଏ ଏହା ଦର୍ଶାଇଛନ୍ତି, ଯେ ଅଲ୍ଲାଃତାଲା ସଂସାରର କୁତ୍ସିତ ଓ କଳୁଷିତରୁ ମୁକ୍ତ କରି ତାହା କାର୍ଯ୍ୟର ସ୍ୱୟଂ ତତ୍ତ୍ୱାବଧାରକ ହୋଇଯା'ନ୍ତି । ପ୍ରିୟ ହୁଜୁର ଅନଓ୍ୱର[ଅ.ବ] କହିଲେ; ବର୍ତ୍ତମାନ ମୁଁ ଓ୍ୱକ୍‌ଫେ ଜଦିଦ୍ ସଂକ୍ରାନ୍ତରେ କିଛି କହିବାକୁ ଚାହେଁ । ଆଉ ସେହି ଲୋକମାନଙ୍କ ଉଦାହରଣ ଉପସ୍ଥାପନ କରି ଦେଉଛି, ଯେଉଁମାନେ ଏହି ପାଣ୍ଠିରେ ଅର୍ଥଦାନ କଲେ ଓ ଅଲ୍ଲାଃତାଲା ସେମାନଙ୍କୁ ନିଜ କୃପାଶିଷ ପ୍ରଦାନ କଲେ ଅବା ଅଲ୍ଲାଃତାଲାଙ୍କ ଉପରେ ସେମାନଙ୍କର ଯେଉଁ ବିଶ୍ୱାସ ଓ ଆସ୍ଥା ରହିଥିଲା, ଯେ ଯଦି ସେମାନେ ବଳିଦାନ କରନ୍ତି ତେବେ ଅଲ୍ଲାଃ ସ୍ୱୟଂ ସେମାନଙ୍କ ଆବଶ୍ୟକତା ପୂରଣ କରିବେ ।

ଏହି ପରିପ୍ରେକ୍ଷୀରେ ମହାମହିମ ହୁଜୁର ଅନଓ୍ୱର[ଅ.ବ] ଇଣ୍ଡୋନେସିଆ, କେନିଆ, କିରଗିଜ୍‌ସ୍ତାନ ଇତ୍ୟାଦି ଦେଶଗୁଡ଼ିକର ଅର୍ଥଦାନ ପ୍ରସଙ୍ଗରେ ବିଶ୍ୱାସବର୍ଦ୍ଧକ ଘଟଣାବଳୀର ଚର୍ଚ୍ଚା କରିବା ପରେ କହିଲେ; ଭାରତରୁ ସେଠାକାର ଇନ୍‌ସ୍ପେକ୍ଟର ସାହେବ ଓ୍ୱକ୍‌ଫେ ଜଦିଦ୍ ଉଲ୍ଲେଖ କରିଛନ୍ତି, ଗୋଟିଏ ଜମାଅତର ଜଣେ ସଜ୍ଜନ ବ୍ୟକ୍ତିଙ୍କ ନିକଟକୁ ଆମେ ଚାନ୍ଦା ଆଦାୟ କରିବା ସକାଶେ ଗଲୁ । କାରଣ ତାଙ୍କର ଓ୍ୱକ୍‌ଫେ ଜଦିଦ୍‌ର ୧୬ହଜାର ଟଙ୍କା ଚାନ୍ଦା ପୈଠ କରିବା ବାକି ଥିଲା । ସେହି ସମୟରେ ତାଙ୍କୁ ନିଜର ଏକ EMI କିସ୍ତି ମଧ୍ୟ ଦେବାର ଥିଲା, କିନ୍ତୁ ସେ କହିଲେ; କିସ୍ତି କଥା ଦେଖାଅଛି ମୁଁ ପରେ ମଧ୍ୟ ପୈଠ କରିଦେବି । ଏବେ ଯେତେବେଳେ ମୋର ଓ୍ୱକ୍‌ଫେ ଜଦିଦ୍ ଚାନ୍ଦା ବାକି ଅଛି ଓ ଆପଣମାନେ ମୋ ନିକଟକୁ ଆସିଛନ୍ତି, ତେଣୁ ମୁଁ ନିଜର ବାକି ଚାନ୍ଦା ପୈଠ କରିଦିଏ । ଆମ୍ଭେ ତାଙ୍କୁ କହିଲୁ ଏବେ ଅର୍ଦ୍ଧେକ ଅଂଶ ପୈଠ କରିଦିଅନ୍ତୁ, ବାକି ରାଶି ପରେ ଦେବେ । କିନ୍ତୁ ସେ ଉତ୍ତର ଦେଲେ; ପ୍ରଥମେ ମୁଁ ଅଲ୍ଲାଃତାଲାଙ୍କ ସକାଶେ ବାହାର କରିଦେବି ବାକି କାର୍ଯ୍ୟ ଅଲ୍ଲାଃତାଲା ସ୍ୱୟଂ ସମାଧାନ କରିଦେବେ । ଇନ୍‌ଶାଅଲ୍ଲାଃ । ଯଦି ମୁଁ ଧର୍ମନିଷ୍ଠତା ଅବଲମ୍ବନ କରୁଥିବି ଓ ଅଲ୍ଲାଃତାଲାଙ୍କ ଉପରେ ଭରସା କରୁଥିବି ତେବେ ସେ ମୋ ସକାଶେ ସର୍ବୋତ୍ତମ ମାର୍ଗ ଖୋଲି ଦେବେ । ପରବର୍ତ୍ତୀ ସମୟରେ ସେ ଫୋନ ମାଧ୍ୟମରେ ସୂଚିତ କଲେ, ଯେ ମୋର ଏକ ମୋଟା ଅଙ୍କର ଧନରାଶି ଯାହାକି ବହୁ ଦିନରୁ ଅଟକି ରହିଥିଲା । ଆଉ ମୋର ଆଶା ନଥିଲା, ଯେ ତାହା ଏତେ ଶୀଘ୍ର ମିଳିଯିବ, ଯାହାକି ହଠାତ୍ ମୋତେ ମିଳିଗଲା । **ଏପରି ଅଲ୍ଲାଃଙ୍କ ମାର୍ଗରେ ଚାନ୍ଦା ଦେବା ଫଳରେ ସେ ମୋର ସମସ୍ତ କାର୍ଯ୍ୟ ସମ୍ପନ୍ନ କରିଦେଲେ** । ତାହା ମୋ ବିଶ୍ୱାସକୁ ଦୃଢ଼ୀଭୂତ ମଧ୍ୟ କଲା ଏବଂ ମୁଁ ଦେଖୁଅଛି, ଯେ ବଳିଦାନକାରୀଙ୍କ ସହିତ ଐଶ୍ୱର୍ଯ୍ୟମୟ ଅଲ୍ଲାଃ କିପରି ସୁନ୍ଦର ଆଚରଣ କରିଥା'ନ୍ତି ।

ଓ୍ୱକ୍‌ଫେ ଜଦିଦ୍ ପାଣ୍ଠିରେ ଅର୍ଥଦାନ କରିବାରେ ନିଷ୍ପାପର ଅହମଦିମାନଙ୍କର ଅନେକ ବିଶ୍ୱାସବର୍ଦ୍ଧକ ଓ ସେମାନଙ୍କ ଉପରେ ଅଲ୍ଲାଃତାଲାଙ୍କର ଅନୁକମ୍ପା ଅବତୀର୍ଣ୍ଣ ହେବାର ଅସାଧାରଣ ଘଟଣାବଳୀର ବର୍ଣ୍ଣନା କରି ପ୍ରିୟ ହୁଜୁର ଅନଓ୍ୱର[ଅ.ବ] ଦେଶ ଓ ଜମାଅତଗୁଡ଼ିକ ଯେଉଁ ସ୍ଥାନ ଅଧିକାର କରିଛନ୍ତି, ତାହାର ଚର୍ଚ୍ଚା କରି କହିଲେ; ଚଳିତ ବର୍ଷ ବିଶ୍ୱବ୍ୟାପୀ ଜମାଅତ ଅହମଦିୟା ଓ୍ୱକ୍‌ଫେ ଜଦିଦ୍ ପାଣ୍ଠିରେ ପାଖାପାଖି ୧୫ମିଲିୟନ୍ ପାଉଣ୍ଡ ଅର୍ଥଦାନ କରିଛି । ଏହି ଆଦାୟ ଗତବର୍ଷ ତୁଳନାରେ ୧.୩ ମିଲିୟନ୍ ପାଉଣ୍ଡ ଅଧିକ ରହିଛି । ଆଦାୟ ଦୃଷ୍ଟିରୁ ପ୍ରଥମ ଦଶଗୋଟି ଦେଶ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି- ଇଂଲଣ୍ଡ, କାନେଡ଼ା, ଜର୍ମାନୀ, ଆମେରିକା, ଭାରତ, ଅଷ୍ଟ୍ରେଲିଆ, ମଧ୍ୟ ଏସିଆର ଏକ ଦେଶ, ଇଣ୍ଡୋନେସିଆ, ମଧ୍ୟ ଏସିଆର ଆଉ ଏକ ଦେଶ ଓ ବେଲଜିୟମ୍ । ସେହିପରି ଆଫ୍ରିକାର ପ୍ରଥମ ଦଶଗୋଟି ଦେଶ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି- ଘାନା, ମରିସିୟସ୍, ବୁର୍କିନାଫାସୋ, ତାଞ୍ଜାନିଆ, ନାଇଜେରିଆ, ଲାଇବେରିଆ,

ଗେମ୍ବିଆ, ସେରାଲିଓ୍ୱନ୍, ବେନିନ୍ ଓ ମାଲି । ଅଂଶଗ୍ରହଣକାରୀଙ୍କ ମଧ୍ୟରେ ପ୍ରମୁଖ ସ୍ଥାନ ଅଧିକାର କରିଥିବା ଦେଶଗୁଡ଼ିକ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି- ନାଇଜେରିଆ, ନାଇଜର୍, ଗେମ୍ବିଆ, ଗିନିବସାଓ, କଙ୍ଗୋବ୍ରାଜ୍‌ଓ୍ୱିଲ୍, ଆବ୍ରିକୋଷ୍ଟ, ମଧ୍ୟ ଆଫ୍ରିକା ଓ କଙ୍ଗୋକିନ୍‌ସାସା ।

ଭାରତର ପ୍ରଥମ ଦଶଗୋଟି ରାଜ୍ୟ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି- କେରଳ, ତାମିଲନାଡୁ, ଜମ୍ମୁକାଶ୍ମୀର୍, ତେଲେଙ୍ଗାନା, କର୍ଣ୍ଣାଟକ, **ଓଡ଼ିଶା**, ପଞ୍ଜାବ, ପଶ୍ଚିମବଙ୍ଗ, ମହାରାଷ୍ଟ୍ର ଓ ଉତ୍ତରପ୍ରଦେଶ । ଭାରତର ପ୍ରଥମ ଦଶଗୋଟି ଜମାଅତ ଯଥାକ୍ରମେ ସ୍ଥାନ ଅଧିକାର କରିଛନ୍ତି- କୋଏମ୍ବଟୁର, ହାଇଦ୍ରାବାଦ, କାଦିୟାନ, କାଲିକଟ୍, ମେଲାପାଲମ୍, ବ୍ୟାଙ୍ଗଲୋର, ମଞ୍ଜେରୀ, କଲିକତା, **କେରଙ୍ଗ** ଓ କରୁଲାଇ । ଅଲ୍ଲାଃତାଲା ସମସ୍ତ ବଳିଦାନକାରୀଙ୍କ ଧନସମ୍ପତ୍ତିରେ ଅଜସ୍ର କଲ୍ୟାଣ ପ୍ରଦାନ କରନ୍ତୁ । କେତେକ ଜମାଅତର ନାମ ମୁଁ ଏଥିପାଇଁ ପଢ଼ି ଦେଇଥାଏ, କାରଣ ସେମାନେ ଏଥିପ୍ରତି ଲକ୍ଷ ରଖିଥାନ୍ତି ଯେ ଚଳିତ ବର୍ଷ କେଉଁ (ତାଙ୍କର) ପୋଜିଶନ୍ ରହିଲା । ତେଣୁ ପରମ୍ପରା ଅନୁଯାୟୀ ତାହାର ଆଲୋଚନା କରାଯାଇଥାଏ ।

ପରିଶେଷରେ ମହାମାନ୍ୟ ହୁଜୁର ଅନଓ୍ୱର[ଅ.ବ] ଅର୍ଥଦାନର ଗୁରୁତ୍ୱ ପ୍ରସଙ୍ଗରେ ଆଧାରିତ ହଜରତ ମସିହ ମଉଦ[ଅ.ସ]ଙ୍କର ଏକ ସନ୍ଦର୍ଭ ପାଠ କରି କହିଲେ; ଅତଃ ଏହା ଅଲ୍ଲାଃତାଲାଙ୍କର ବିଶେଷ କୃପା ଓ ଆମର ଏହି ଅଭିଜ୍ଞତା ମଧ୍ୟ ରହିଛି, ଯେ କିପରି ଅଲ୍ଲାଃତାଲା ଲୋକମାନଙ୍କୁ ନିଜ ଆଶିଷ ଓ ଅନୁଗ୍ରହ ପ୍ରଦାନ କରିଚାଲିଛନ୍ତି । କାରଣ ସେମାନେ ଏକଥା ଜାଣନ୍ତି, ଯେ ପରାକ୍ରମୀ ଅଲ୍ଲାଃଙ୍କ ନିକଟରେ ହିଁ ସକଳ ଭଣ୍ଡାର ରହିଛି ଏବଂ ସେ ପରକାଳରେ ମଧ୍ୟ ତାହାର ଉତ୍ତମ ପରିଣାମ ପ୍ରଦାନ କରିବେ । ଆଉ ଏହି ଭବସଂସାରରେ ମଧ୍ୟ ପ୍ରଦାନ କରିବେ । ଏସବୁ ଦେଖି ମନୁଷ୍ୟ ଆଚମ୍ବିତ ରହିଯାଇଥାଏ, ଯେ ପ୍ରଭୁ କିପରି ନିଜ ଅପରିମିତ ଅନୁଗ୍ରହ ପ୍ରଦାନ କରିଚାଲିଛନ୍ତି । ତେବେ (ଦୁଆ କରିବା ଉଚିତ୍) ଅଲ୍ଲାଃତାଲା ଆମମାନଙ୍କୁ ଯେଉଁସ୍ଥଳେ ଅର୍ଥଦାନ କରିବାକୁ ଶକ୍ତି ପ୍ରଦାନ କରନ୍ତୁ, ସେଠାରେ ଆମ ବିଶ୍ୱାସ ଓ ଆସ୍ଥାକୁ ମଧ୍ୟ ଅଭିବୃଦ୍ଧି କରିଚାଲନ୍ତୁ । ଆମିନ୍ ।

---

ଅଲ୍‌ହମ୍‌ଦୁ ଲିଲ୍ଲାହି ନହ୍‌ମଦୁହୁ ଓ୍ୱ ନସ୍‌ତଈନୁହୁ ଓନସ୍‌ତଗ୍‌ଫିରୁହୁ ଓନୁମିନୁ ବିହି ଓନତଓକ୍‌କଲୁ ଆଲୈହି ଓ ନଊଜୁବିଲ୍ଲା ମିନ୍ ଶୁରୁରେ ଅନ୍‌ଫୁସିନା ଓ ମିନ୍ ସଈୟାତି ଆମାଲିନା ମଈଁ ୟହ୍‌ଦିହିଲ୍ଲା ଫଲାମୁଜିଲ୍ଲା ଲହୁ ଓମଈଁ ୟୁଜ୍‌ଲିଲ୍‌ହୁ ଫଲା ହାଦିୟା ଲହୁ ଓନଶ୍‌ହଦୁ ଅଲ୍‌ଲା ଇଲାହା ଇଲ୍‌ଲ୍ଲାହୁ ଓ୍ୱନଶ୍‌ହଦୁ ଅନ୍ନା ମୁହମ୍ମଦନ୍ ଅବ୍‌ଦୁହୁ ଓ୍ୱରସୁଲୁହୁ । ଇବାଦଲ୍ଲାହି ରହ୍‌ମକୁମୁଲ୍ଲାହ। ଇନ୍ନଲ୍‌ଲାହା ୟାମୁରୁବିଲ୍ ଅଦ୍‌ଲେ ଓ୍ୱଲ୍ ଇହ୍‌ସାନି ଓ୍ୱଇତାଇଜିଲ କୁର୍‌ବା ଓ୍ୱୟନ୍‌ହା ଅନିଲ୍ ଫହ୍‌ଶାଇ ଓ୍ୱଲ୍ ମୁନ୍‌କରି ଓ୍ୱଲ୍ ବଗ୍‌ଇ ୟଇଜୁକୁମ୍ ଲଅଲ୍‌ଲକୁମ୍ ତଜକ୍ କରୁନ୍ ଉଯ୍‌କୁରୁଲ୍ଲାହା ୟଯ୍‌କୁରୁକୁମ୍ ଓଦ୍‌ଉହୁ ୟସ୍‌ତଜିବ୍ ଲକୁମ୍ ଓଲଯିକ୍‌ରୁଲ୍ଲାହି ଅକ୍‌ବର୍ ।

Khulasa Khutba Juma Huzoor Anwar a.b.a

9th January 2026

*Translated to Odia by :* Moulavi Anwar Ahmad Khan